
ISSN: 2456-9194, Vol. VIII, Issue. I, June 2024

ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php



# ଆଭାସ କୁମାର ବରାଳଙ୍କ ଉପନ୍ୟାସରେ ଆଙ୍ଗିକ ଓ ଆତ୍ମିକ ବୈଚିତ୍ର

**ଡ. ହରିହର ପ୍ରଧାନ୧ , ମାନିନୀ ଜେନା୨**

ଗବେଷିକା୧ , ମାର୍ଗଦର୍ଶକ୨ , ଓଡ଼ିଆ ବିଭାଗ କୋଲ୍ହଣ ବିଶ୍ୱବିଦ୍ୟାଳୟ

Email-maninijena682@gmail.com

*ସଂକ୍ଷିପ୍ତ ପରିଚୟ: ଓଡ଼ିଆ ଉପନ୍ୟାସ ସାହିତ୍ୟ ସାମ୍ପ୍ରତିକ କାଳରେ ବଳିଷ୍ଠ ଓ ଲୋକପ୍ରିୟ ବିଭାବ । ଉପନ୍ୟାସରେ ଜୀବନକୁ ଓ ଜୀବନର ଜୀବନ୍ତ ଅନୁଭୂତିକୁ ବିକ୍ଷିପ୍ତ ଭାବେ ପରିପ୍ରକାଶ କରିବାର ପର୍ଯ୍ୟାପ୍ତ ସୁଯୋଗ ମିଳେ। ସମ୍ପ୍ରତି କାଳରେ ଔପନ୍ୟାସିକ ମାନେ ନିଜସ୍ୱ ଶୈଳୀରେ ଲେଖିବା ସହ ବିଶ୍ୱ ସାହିତ୍ୟର ସମକକ୍ଷ ହେବାରେ ସମର୍ଥ । ସେହିପରି ଜଣେ ଭିନ୍ନ ଓ ନୂତନ ପରିକ୍ଷଣ କୌଶଳକୁ ଅବଲମ୍ବନ କରି ଲେଖୁଥିବା  ଔପନ୍ୟାସିକ ହେଉଛନ୍ତି ଆଭାସ କୁମାର ବରାଳ । ତାଙ୍କ ଉପନ୍ୟାସରେ ଥାଏ କାହାଣୀଧର୍ମୀ କଥାବସ୍ତୁ, ଅସ୍ତିତ୍ୱବାଦର ଚିନ୍ତା ଚେତନା, ସ୍ଥିତିବାଦୀ ଚିନ୍ତାଧାରା ଓ ଭିନ୍ନ ରଚନାଶୈଳୀର କଳାକୌଶଳ । ଯାହା ନୂତନ ଧାରାର ଲେଖା ପ୍ରତି ଥିବା ଆଗ୍ରହୀ ପାଠକଙ୍କୁ ଆକୃଷ୍ଟ କରେ।*

*ପ୍ରମୁଖ ଶବ୍ଦାବଳୀ(keyword) – ଓଡ଼ିଆ ଉପନ୍ୟାସ ସାହିତ୍ୟ,  ଔପନ୍ୟାସିକ ଆଭାସ କୁମାର ବରାଳ, ଅସ୍ତିତ୍ୱବାଦ, ସ୍ଥିତିବାଦ, ଆତ୍ମିକ ଓ ଆଙ୍ଗିକ ବିଭାବ, ପାହାଚ, ମହାପୁରୁଷ, ଇଣ୍ଟରଭ୍ୟୁ ।*

ଓଡ଼ିଆ **ଉପନ୍ୟାସ ସାହିତ୍ୟରେ** ସାମ୍ପ୍ରତିକ ସମୟରେ ବିବିଧ ପରିବର୍ତ୍ତନ ଓ ବିବିଧତା ପରିଲକ୍ଷିତ । ଏକବିଂଶ ଶତାବ୍ଦୀରେ ଓଡ଼ିଆ ଉପନ୍ୟାସକୁ ଋଦ୍ଧିମନ୍ତ କରିବାରେ ଆମ ଔପନ୍ୟାସିକମାନେ ସର୍ବଦା ଶତ ପ୍ରଚେଷ୍ଟିତ । ଏକବିଂଶ ସମୟର  ଓଡ଼ିଆ ସାହିତ୍ୟରେ ସେହି ପରି ଜଣେ ଭିନ୍ନ ଓ ଅଲଗାପଣର ଲେଖକ ହେଉଛନ୍ତି ଶ୍ରୀ ଆଭାସ କୁମାର ବରାଳ । କଥାଶିଳ୍ପରେ ନୂତନ ଆଙ୍ଗିକ ସୌକୁମାର୍ଯ୍ୟ ସହିତ ଅଣକାହାଣୀ ପରମ୍ପରାକୁ ନୂଆ ରୂପରେଖା ଦେବାରେ ସେ ଜଣେ ଆଗ ଧାଡିର କଥାକାର  । ଏକବିଂଶ ଓଡ଼ିଆ ଉପନ୍ୟାସ ସାହିତ୍ୟ ଯେଉଁ ସବୁ ନୂତନ ଚେତନା ଓ ଆଭିମୁଖ୍ୟ ନେଇ ଗତିଶୀଳ ,ସେହି ସ୍ତରକୁ ଆହୁରି ବଳିଷ୍ଠ କରିବାରେ ଔପନ୍ୟାସିକ ଆଭାସ କୁମାର ବରାଳ ପ୍ରଚେଷ୍ଟା ଆକର୍ଷଣୀୟ । ତାଙ୍କ ଉପନ୍ୟାସରେ ସାମ୍ପ୍ରତିକ ମଣିଷର ନିସ୍ୱ ନିରାଶା ଭାବ, ଉଦ୍ଭଟ ଚିନ୍ତାଧାରା,ଏବଂ ଅବଚେତନ ମନର ରୂପରେଖ ଚିତ୍ରିତ । ନୂତନ ସ୍ୱାଦ ଓ ରଚନାଶୈଳୀ ପାଇଁ ତାଙ୍କ ଉପନ୍ୟାସର ସ୍ୱତନ୍ତ୍ର ଚାହିଦା ପାଠକ ପାଖରେ ଉପଲବ୍ଧ ।

ଶ୍ରୀ ଅଭାସ କୁମାର ବରାଳ (୩୦ ଅକ୍ଟୋବର ୧୯୬୧)  ଓଡ଼ିଆ କଥାସାହିତ୍ୟର ଜଣେ ଅନନ୍ୟ କଥାକାର ଓ ସାହିତ୍ୟିକ । ସେ ୧୯୬୦ ମସିହାରେ  କଟକ ଡଗରପଡ଼ାରେ ଦଶହରା ଦଶମୀ ଦଶଟା ବେଳେ ଜାତକ ଅନୁସାରେ ଜନ୍ମ ହେଇଥିଲେ, କିନ୍ତୁ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ୧୯୬୧ମସିହାକୁ ତାଙ୍କ ଜନ୍ମ ତାରିଖ ବୋଲି ଧରାଯାଏ । ଶିକ୍ଷକ ସଂଘର ନେତା, ବିଶିଷ୍ଟ ସମାଜସେବୀ ତଥା ଅଧ୍ୟାପକ ଅବନୀ କୁମାର ବରାଳ ତାଙ୍କ ପିତା ଓ ସମାଜସେବୀ ତଥା ଅଧ୍ୟାପିକା ଅଦାରମଣି ବରାଳ ହେଉଛନ୍ତି ତାଙ୍କ ଜନନୀ । ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରୁ ଇଣ୍ଟରମିଡିଏଟ ପାସ୍ କଲା ପରେ ଇଂରାଜୀରେ ପ୍ରାଣନାଥ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ରେଭେନ୍ସାରୁ ସଫଳତାର ସହ ସ୍ନାତକୋତ୍ତର ପାସ କରିବା ପରେ ବନାରସରୁ ଏମ.ଫିଲ. ଡିଗ୍ରୀ ହାସଲ କରିଥିଲେ । ପରେ ପ୍ରାଧ୍ୟାପକ ଭାବେ ପ୍ରାଣନାଥ ମହାବିଦ୍ୟଳୟ ଖୋରଧାରୁ ଅବସର ଗ୍ରହଣ କରି ନିଜର ବର୍ତ୍ତମାନ ସମୟକୁ  ସୃଜନ କ୍ରିୟାରେ ଅତିବାହିତ କରୁଛନ୍ତି । ସେ ଏକାଧାରରେ କବି,ଗାଳ୍ପିକ , ଔପନ୍ୟାସିକ, ଅନୁବାଦକ, ଚିତ୍ରଶିଳ୍ପୀ, ଉଡ଼ ଆର୍ଟିସ୍ଟ, କଳାକାର, ସଂସ୍ଥାପକ,ସମ୍ପାଦକ ଓ  ସମାଲୋଚକ ମଧ୍ୟ । ସେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖନ୍ତି । ପ୍ରତ୍ୟେକ  ଘଟଣାକୁ ଭିନ୍ନ ଦୃଷ୍ଟିକୋଣରୁ

ଦେଖିବା ତାଙ୍କର ବିଶେଷତ୍ୱ । ଆବର୍ଜନା ଓ ଅଳିଆରୁ ସେ ସୁନ୍ଦରତାକୁ ଜନ୍ମ କରନ୍ତି । ଯାହା ତାଙ୍କୁ ଓ ତାଙ୍କ ଲେଖନୀକୁ ଭିନ୍ନ କରି ଗଢି ତୋଳେ ।

ଆଭାସ କୁମାର ବରାଳ ପେଶାରେ ଅଧ୍ୟାପକ ହେଲେ ହେଁ ସାହିତ୍ୟ ସର୍ଜନାରେ ତାଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଅତୁଳନୀୟ । ଇଂରାଜୀ ସାହିତ୍ୟ ବିଶିଷ୍ଟ ଔପନାସିକ ସାମୁଏଲ ବେକେଟ , ଫ୍ରାନସ୍ କାଫକା , ଆଲବର୍ଟ କାମ୍ୟୁ ଆଦିଙ୍କ ସ୍ଥିତିବାଦୀ ଦୃଷ୍ଟିକୋଣ ଦ୍ୱାରା ବହୁଳ ଭାବରେ ପ୍ରଭାବିତ ଶ୍ରୀ ବରାଳ । ଓଡ଼ିଶାର ଯଶସ୍ୱୀ ଶ୍ରୀ ଅବନୀ ବରାଳଙ୍କ ଦିଗଦର୍ଶନ ଏବଂ ସୁଲେଖିକା ତଥା ତାଙ୍କ ମାଆ ଅଦାରମଣି ବରାଳଙ୍କ ଶିକ୍ଷା-ଦିକ୍ଷା-ସଂସ୍କାର ହିଁ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଶ୍ରୀ ବରାଳଙ୍କ ମନରେ ଆଗ୍ରହ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସେ ସମସ୍ତଙ୍କ ଆଶାକୁ ସାକାର କରିବାରେ ଶତ ଚେଷ୍ଟିତ ଏବଂ ସଫଳ ମଧ୍ୟ ।

ଜୀବନକୁ ସୂକ୍ଷ୍ମ ଦୃଷ୍ଟିଭଙ୍ଗୀରେ ଦେଖି ଦେଖେଇବାରେ ଶ୍ରୀ ଆଭାସ କୁମାର ବରାଳ ସିଦ୍ଧହସ୍ତ । ସମୟ ଚେତନା ଓ ସମୟରୁ ସମୟକୁ ଯାତ୍ରା ,ସମୟର ସ୍ତର, ଚିନ୍ତା ଚେତନାର ପରିପ୍ରକାଶ, ମନର ଦ୍ୱନ୍ଦ , ମଣିଷର ଭାବାବେଗ ଓ ଉଦ୍ଭଟ ଚିନ୍ତାଧାରା ଆଦିକୁ ଶ୍ରୀ ବରାଳ ତାଙ୍କ କୃତିରେ କୃତିତ୍ୱର ସହ ପ୍ରତିଫଳିତ ହୋଇଛି । ଦାର୍ଶନିକ ଆଭିମୁଖ୍ୟ ନେଇ ସେ ଦୁନିଆକୁ ତାଙ୍କ ଲେଖାରେ ପରିକଳ୍ପିତ କରନ୍ତି । ତାଙ୍କ ଭିତରେ ଅହରହ ଦୁଇଟି ସତ୍ତାର ସନ୍ତୁଳିତ ଅବସ୍ଥାକୁ ପାଠକ ଉପଲବ୍ଧ କରିପାରେ । ଜଣେ ଆଦର୍ଶ ଅଧ୍ୟାପକ ଭାବେ, ସୁସାହିତ୍ୟକ ଓ ଜଣେ ଅନନ୍ୟ କଳାକାର ଭାବେ ପାଠକ ମହଲରେ ସୁପରିଚିତ । ମଣିଷର ଏହି ନିଦା ଜୀବନ ପରିଧିକୁ ଅତି ଅଭିନବ ପରିପାଟୀରେ କଳାତ୍ମକ କରି ଗଢି ତୋଳି ଥିବା ଅନନ୍ୟ କଥାକାର ଶ୍ରୀ ଆଭାସ କୁମାର ବରାଳ ସାମ୍ପ୍ରତିକ ସମୟର ଜଣେ ଅଭିନ୍ନ ଓ ବହୁଧା ବିଭକ୍ତ ବ୍ୟକ୍ତିତ୍ୱ । କଥାଶିଳ୍ପରେ ନୂତନ ଆଙ୍ଗିକ ପଟ୍ଟ ପରିବର୍ତ୍ତନ ସହ ଅଣପାରମ୍ପରିକ ମୂଲ୍ୟବୋଧ ଉପସ୍ଥାପକ ଶ୍ରୀ ଆଭାସ କୁମାର ବରାଳ ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି ନୂଆ ପରିଚୟ ।

୧୯୮୦ ପରବର୍ତ୍ତୀ ସମୟର ବିଶିଷ୍ଟ ସାହିତ୍ୟକମାନଙ୍କ ପରି ସେ ମଧ୍ୟ ଜୀବନ ଜଗତର ବାସ୍ତବ ସତ୍ୟ, ଦ୍ୱନ୍ଦ, ସଂଘର୍ଷ, ମଣିଷର ସ୍ନେହ-ଶ୍ରଦ୍ଧା, ମନର ସୂକ୍ଷ୍ମ ବିଶ୍ଳେଷଣ, ଶିକ୍ଷିତ ମଧ୍ୟବିତ୍ତ ବ୍ୟକ୍ତି ଚେତନାର ଭବାବେଗ ଓ ଅନୁଭୂତି, ସମ୍ପର୍କ ମଧ୍ୟରେ ବିଚ୍ଛିନ୍ନତାବୋଧ, ପ୍ରକୃତିର ବିବର୍ତ୍ତନ ଓ ଅବକ୍ଷୟର ଚିତ୍ର, କାହାଣୀ ଭିତରେ କାହାଣୀ ହୀନତାର ଉପସ୍ଥାପନା, ଦୁର୍ନୀତି ପୂର୍ଣ୍ଣ ରାଜନୀତି, ଅନ୍ତଃରାଷ୍ଟ୍ରୀୟ ଭାବଧାରା, ଜଗତୀକରଣର ପ୍ରଭାବ, ମୁକ୍ତ ବ୍ୟବସାୟିକ ପରିଧି ତଥା କେନ୍ଦ୍ରବିହୀନ କଥାବସ୍ତୁ ଭିତରେ ନୂତନତା ତାଙ୍କ ଗଳ୍ପ ପରିପ୍ରକାଶ କରିବାରେ ଶ୍ରୀ ଆଭାସ କୁମାର ବରାଳ ସିଦ୍ଧହସ୍ତ । ସମୟର ଶାଣିତ ବାସ୍ତବ ସ୍ୱର ତାଙ୍କ ଶୈଳୀର ଏକ ବିଶିଷ୍ଟ ଦିଗକୁ ନିର୍ଦ୍ଦେଶ କରେ । ତାଙ୍କ ଶବ୍ଦରେ - " ଶିଳ୍ପୀ ଜରୁରୀ ନୁହେଁ - ଶିଳ୍ପ, କଳାକାର ଜରୁରୀ ନୁହେଁ କଳା ହିଁ ମୁଖ୍ୟ କଥା। କାରଣ ଶିଳ୍ପ-ଶିଳ୍ପୀ କୁ ତଥା କଳା- କଳାକାରକୁ ସ୍ୱତ ସିଦ୍ଧ ଭାବରେ ଆତ୍ମ ପରିଚିତି ପ୍ରଦାନ କରିବାରେ ସମର୍ଥ" । ଆଭାସ ବରାଳଙ୍କ ଲେଖା ସମ୍ପର୍କରେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିବାକୁ ଯାଇ ଲେଖନ୍ତି:- "ଆଭାସ କୁମାର ବରାଳ ବର୍ତ୍ତମାନ ସମୟର ଜଣେ ପ୍ରତିଭାବାନ ଓ ପ୍ରୟୋଗବାଦୀ ଗାଳ୍ପିକ । ତାଙ୍କ ଗଳ୍ପଗୁଡ଼ିକ ଅଣପାରମ୍ପରିକ ଓ ସାମ୍ପ୍ରତିକ ସମୟ ଯନ୍ତ୍ରଣାରେ ବେଦନାକ୍ତ । ନାରୀର ଯୌନାବେଗ , ମାନସିକ ବିଶ୍ଳେଷଣ , ଏକ ବୃହତ୍ତର ଜୀବନ ଲକ୍ଷ୍ୟ ଆଧୁନିକ ମଣିଷର ବିଭଙ୍ଗ ମାନସିକତା , ମଣିଷର ବିଚିତ୍ର ଜୀବନଯାତ୍ରା ଆଦିକୁ ବ୍ୟଞ୍ଜନାତ୍ମକ ଭାଷା ମାଧ୍ୟମରେ ଚମତ୍କାର ଉପସ୍ଥାପନା କରିପାରିଛନ୍ତି ତାଙ୍କ ଗଳ୍ପରେ । ନାନୁ (୧୯୯୮) ଗଳ୍ପ ସଂକଳନ ମାଧ୍ୟମରେ ସେ ଖୁବ କମ୍ ସମୟରେ ସଚେତନ ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଛନ୍ତି ।" ( 'ଓଡ଼ିଆ କଥା କଳ୍ପନା ର ଦିଗ ଓ ଦିଗନ୍ତ'; ପୃ -୩୫ )

ତାଙ୍କ ଦ୍ୱାରା ଲିଖିତ ଗ୍ରନ୍ଥାବଳୀର ସୂଚନା ନିମ୍ନରେ ପ୍ରଦାନ କରାଗଲା ।

କବିତା ଓ କବିତା ସଂକଳନ : ସାରଙ୍ଗ ନାସଦାନୀ, ନିଦ୍ରା (୧୯୮୩ ), ଝର୍କାରୁ ବର୍ଷା ଦେଖୁ ଥିବା ମୁଁ (୧୯୮୩), ବାଥ ରୁମ୍ କବିତା ('ଧୂଳି ମିଠାଏ' ପତ୍ରିକାର ୧୯୮୦ -୮୧ ମସିହାରେ ପ୍ରକାଶିତ ), ବିଗତ ରାତିରେ , 'ଜଣେ କିଏ ଡାକେ ମୋତେ ଦୂରରୁ, ଅନେକ ଦୂରରୁ' (୧୯୮୩ ), ଘଣ୍ଟା ଯଦି ପ୍ରଣୟକୁ ଅସ୍ୱୀକାର କରେ(୧୯୮୫), ନିଜ ଶବଦାହ ମୁହୂର୍ତ୍ତରେ, ସମ୍ପର୍କ (୧୯୮୮) , ଅନେକ ପ୍ରଶ୍ନ ନିଜକୁ ପଚାରିବା ପରେ (୧୯୮୧), ବୋମା ୫/୭, ଠିକଣା , ଛାଇ (୧୯୯୧), ସେଇ ଲୋକ, 'ନିଦ ୩/୪,ଚା ଓ ଅନ୍ୟାନ କବିତା' (କବିତା ସଂକଳନ ) (୨୦୨୪ ) ଇତ୍ୟାଦି ।

କବିତା (ଇଂରାଜୀ ): ' The city ', 'Women-I ,II,III' ।

ଗଳ୍ପ ସଂକଳନ : ନାନୁ (୧୯୯୮), ମୁଁ ୧/୧୮ (୨୦୦୭), ସେମାନେ (୨୦୧୩ ), ଜୀବାଣୁ ଓ ଅନ୍ୟାନ୍ୟ ଗଳ୍ପ(୨୦୧୬)

ଉପନ୍ୟାସ:ପାହାଚ-୧(୧୯୯୮) (ପକ୍ଷୀଘର ରେ ପ୍ରକାଶିତ), ମହାପୁରୁଷ (୨୦୧୧), ଇଣ୍ଟରଭିୟୁ (୨୦୨୨), ଓ ପାହାଚ -୨ ଓ ୩ (ଯଂତ୍ରସ୍ଥ )

### ଅନୁବାଦ

୧) Khurdha, the poetry I recite ("ଖୋରଧ ମାଟିର କବିତା" ଡ. ପ୍ରସନ୍ନ ପାଟ୍ଟଶାଣୀଙ୍କ ଲିଖିତ କବିତା ବହିର ଅନୁଦିତ ରୂପ) ।

୨) ବିଜୟ କୁମାର ଶତପଥୀ ଲିଖିତ ପୁସ୍ତକ "Makers of Indian Literature-'Ananta Patnaik'"ଅନୁବାଦ କରାଯାଇଛି ,ଏହା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଏବଂ ଏହାର ପ୍ରଥମ ସଂସ୍କରଣ ୨୦୨୨ ମସିହାରେ ପ୍ରକାଶିତ ।

**ପୁରସ୍କାର ଓ ସମ୍ମାନ :** ଅଖିଳ କଥା ସମ୍ମାନ (୨୦୧୦) (କ୍ଷୁଦ୍ରଗଳ୍ପ ପାଇଁ ରାଜ୍ୟ ଦ୍ୱାର ପ୍ରାପ୍ତ ସମ୍ମାନ), ଭଦ୍ରକ ପୁସ୍ତକ ମେଳା ସମ୍ମାନ (୨୦୧୮),କଥା କାଳିକା ସମ୍ମାନ (୨୦୧୯) ।

### ଆଭାସ କୁମାର ବରାଳଙ୍କ ଉପନ୍ୟାସରେ ଆଙ୍ଗିକ ଓ ଆତ୍ମିକ ବୈଚିତ୍ର୍ୟ :

ଔପନ୍ୟାସିକ ଆଭାସ କୁମାର ବରାଳ ଲିଖିତ ଉପନ୍ୟାସଗୁଡିକ ହେଲା - ପାହାଚ (୧୯୯୮) (ପକ୍ଷୀଘର ରେ ପ୍ରକାଶିତ), ମହାପୁରୁଷ (୨୦୧୧),

ଇଣ୍ଟରଭିୟୁ (୨୦୨୨) ଓ ପାହାଚ -୨ ଓ ୩ (ଯଂତ୍ରସ୍ଥ) । ଉପୋରସ୍ଥ ଉପନ୍ୟାସ ମଧ୍ଯରୁ ପ୍ରଥମ ଉପନ୍ୟାସ 'ପାହାଚ' -୧ ପକ୍ଷୀଘର ପତ୍ରିକାରେ ଦ୍ଵାରା ପ୍ରକାଶିତ । 'ମହାପୁରୁଷ' ଓ 'ଇଣ୍ଟରଭିୟୁ' ଦୁଇଟି ଉପନ୍ୟାସ ପୁସ୍ତକ ଆକାରରେ ପ୍ରକାଶିତ ଏବଂ ପାହାଚ- ୨ ଓ ୩ ଯଂତ୍ରସ୍ଥ ଅବସ୍ଥାରେ ଅଛି । 'ମହାପୁରୁଷ' ଉପନ୍ୟାସ ଯାହା ଶ୍ରଦ୍ଧା ପବ୍ଲିକେଶନଦ୍ଵାରା ୨୦୧୧ ମସିହାରେ ପ୍ରକାଶିତ । 'ଇଣ୍ଟରଭିୟୁ' ଉପନ୍ୟାସ ପକ୍ଷୀଘର ପ୍ରକାଶନୀ ଦ୍ଵାରା ୨୦୨୨ ମସିହାରେ ପ୍ରକାଶିତ ।

'ପାହାଚ' ଉପନ୍ୟାସ ଔପନ୍ୟାସିକ ସର୍ବ ପ୍ରଥମ ଲିଖିତ ଉପନ୍ୟାସ । ତାଙ୍କ ପ୍ରଥମ ଗଳ୍ପ ସଂକଳନ 'ନାନୁ' ପୂର୍ବରୁ ଏହା ପ୍ରକାଶିତ । ଏହାର ମୁଖ୍ୟ ଚରିତ୍ର ନାମ ମଧ୍ଯ 'ନାନୁ' । ସେ ଜଣେ ସରକାରୀ କର୍ମଜୀବି । ନାନୁ ତା ସଚେତନ ଆଉ ଅବଚେତନ ମନରେ ସବୁ ବେଳେ ଶ୍ଵେତା ନାମ୍ନୀ ଚରିତ୍ରକୁ ଖୋଜେ । ତା ପାଇଁ ଅସ୍ଥିର ହୋଇଉଠେ । ନିଜ ସ୍ତ୍ରୀ ଭିତରେ ମଧ୍ଯ ସେ ସେଇ ଶ୍ଵେତାକୁ ଖୋଜେ । ଦିନେ ହଠାତ୍ ଅଫିସରୁ ଛୁଟି ନେଇ ଘରୁ ବାହାରି ଆସେ ଶ୍ଵେତାର ଅନ୍ଵେଷଣ ଉପଲକ୍ଷେ । ବାଟରେ ଯେଉଁ ବି ସ୍ତ୍ରୀକୁ ଦେଖେ ସେ ପ୍ରଥମେ ଭାବେ ସେ ଶ୍ଵେତା ବୋଲି କିନ୍ତୁ ପରେ ଭାବେ ସେ ଶ୍ଵେତା ନୁହେଁ । ଅନେକ ଜାଗାରେ ଅନେକ ମହିଳାଙ୍କୁ ନାନୁ ଭେଟେ ଆଉ ତାଙ୍କ ଭିତରେ ଶ୍ଵେତାକୁ ଦେଖେ ତାପରେ ସମସ୍ତଙ୍କୁ ଅତିକ୍ରମ କରି ପୁଣି ଶ୍ଵେତା ସନ୍ଧାନରେ ବାହାରେ ,ଏମିତି ସନ୍ଧାନରେ ଚାଲିଲା ବେଳେ ସେ ଶେଷରେ ଗୋଟେ ପାହାଡ଼ ପାଖରେ ପହଞ୍ଚେ । ସେଠିକୁ ଯିବା ଲାଗି ପାହାଚକୁ ଅତିକ୍ରମ କରେ କିନ୍ତୁ ହଠାତ ନାନୁର ପାଦ ଖସେ ଏବଂ ସେ ଶ୍ଵେତା ଶ୍ଵେତା ଉଚ୍ଚାରଣ କରି ତଳକୁ ଖସି ପଡ଼େ । ଏ ଉପନ୍ୟାସରେ ନାୟକ ନାନୁ ସବୁ ବେଳେ ଅନ୍ଵେଷଣ କରେ ଶ୍ଵେତା ନାମ୍ନୀ ଧାରୀ ନାୟିକାର । ଯାହାର ନାଁ ଶ୍ଵେତା କି ନାହିଁ? ସେ ମଧ୍ଯ ଜାଣେନି । ସେ ଦେଖିବାକୁ କେମିତି ତା ମଧ୍ଯ ଜାଣେନି । କିନ୍ତୁ ସେ ଶ୍ଵେତାର ସ୍ପର୍ଶ, ହସ, କାନ୍ଦ, ସ୍ଵରକୁ ଅନୁଭବ କରିପାରେ । ଶେଷ ପର୍ଯ୍ୟନ୍ତ ସେ ଶ୍ଵେତାକୁ ଖୋଜେ କିନ୍ତୁ ପାଏନି । ଏ ଉପନ୍ୟାସର କାହାଣୀ ମନୋଜ ଦାସଙ୍କ 'ଅମୃତଫଳ' କାହାଣୀ ସହ ସମନ୍ଵୟ ରଖେ । 'Author search a character' theory'ରେ ଏହା ଲିଖିତ । ଉଭୟ ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ଏହା ସଫଳ ଉପନ୍ୟାସ । ସୀମିତ ଚରିତ୍ର ମାଧ୍ଯମରେ କଥାବସ୍ତୁ ପରିକଳ୍ପିତ । ଔପନ୍ୟାସିକଙ୍କ ବୈଶିଷ୍ଟ ହେଉଛି ତାଙ୍କ ଭାଷା, ଶବ୍ଦଚୟନ ଓ ରଚନାଶୈଳୀ । ଅବଚେତନ ମନର କଥା , ସ୍ଥିତିବାଦର କଥା ଓ ଅସ୍ତିତ୍ଵବାଦର କଥା ତାଙ୍କ ଉପନ୍ୟାସରେ ବର୍ଣ୍ଣିତ । ମଣିଷ ସର୍ବଦା ଅନୁସନ୍ଧାନୀ ମନ ନେଇ ବଞ୍ଚେ ଆଉ କାହାର ଆଗମନକୁ ଅପେକ୍ଷା କରେ ସେଇ ମର୍ମକୁ ନେଇ ଉପନ୍ୟାସ ରଚିତ । ପ୍ରଥମ ଉପନ୍ୟାସ ହେଲେ ମଧ୍ଯ ଏହାର ପରିପକ୍ଵତା ପାଠକକୁ ଆକର୍ଷିତ କରେ ।

'ମହାପୁରୁଷ' ଔପନ୍ୟାସିକ ଦ୍ଵାରା ଲିଖିତ ଦ୍ଵିତୀୟ ଉପନ୍ୟାସ । ପ୍ରଥମେ ଏହା 'ଝର୍କା' ପତ୍ରିକାରେ ୨୦୧୦ ମସିହାରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ପୁସ୍ତକାକରେ ପ୍ରକାଶିତ ହେଲା । ପ୍ରତ୍ୟେକ ପୁସ୍ତକ ଲେଖକ ତାଙ୍କ ଲେଖକୀୟରେ ନିଜସ୍ଵ ଅଭିବ୍ୟକ୍ତିକୁ ବଖାଣନ୍ତି । କିନ୍ତୁ ମହାପୁରୁଷ ଉପନ୍ୟାସର ମୁଖବନ୍ଧକୁ 'ମୋ କଥା' ନାମରେ ନିମିତ କରି ଭିନ୍ନ ଓ ନୂତନ ଶୈଳୀକୁ ଆବରିଛନ୍ତି ଔପନ୍ୟାସିକ। ଏହି ମୁଖବନ୍ଧରେ ସେ ଏକ ଲୋକକାହାଣୀକୁ ଉଲ୍ଲେଖ କରିଛନ୍ତି । ଉପନ୍ୟାସର ପ୍ରାରମ୍ଭ ହୁଏ ଆକସ୍ମିକତାରୁ । ପ୍ରାୟତଃ ଆଭାସ କୁମାର ବରାଳ ଲେଖା ଆକସ୍ମିକତାରୁ ଆରମ୍ଭ ହେଇ ଆକସ୍ମିକତାରୁ ଶେଷ ହୁଏ । ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି 'ନାନୁ' । 'ନାନୁ' ତାଙ୍କ ପ୍ରଥମ ଗଳ୍ପ ସଂକଳନର ନାମ । 'ପାହାଚ' ଓ 'ଇଣ୍ଟରଭିୟୁ' ଉପନ୍ୟାସର ମଧ୍ଯ ମୁଖ୍ୟ ଚରିତ୍ର ହେଉଛି 'ନାନୁ' । ନାନୁ, ମଧ୍ଯ ଔପନ୍ୟାସିକ ଆଭାସ କୁମାର ବରାଳଙ୍କ ବାଲ୍ୟକାଳର ନାମ । ସେ ଏହି ନାମକୁ କେନ୍ଦ୍ର କରି ଅନେକ ଚରିତ୍ର ତିଆରିଛନ୍ତି ତାଙ୍କ ଲେଖାରେ । 'ମହାପୁରୁଷ' ଉପନ୍ୟାସର ନାମକରଣରୁ ହିଁ ଜଣା ପଡ଼େ କୌଣସି ବ୍ୟକ୍ତିବିଶେଷ ସମ୍ବନ୍ଧରେ କୁହାଯାଇଛି । ଉପନ୍ୟାସ ପ୍ରାରମ୍ଭରେ ଔପନ୍ୟାସିକ ଲେଖିଛନ୍ତି – " ହଠାତ ତା'ର କାହିଁକି ମହାପୁରୁଷ ହେବାକୁ ପ୍ରବଳ ଇଛା ହେଲା।"(ପୃ -୧୧ )। ନାନୁର ଅବଶତାକୁ ବ୍ୟକ୍ତ କରି ଔପନ୍ୟାସିକ ଲେଖନ୍ତି –"ତାକୁ ଅସୁବିଧା କରୁଥିଲା ଦେହଟା, ଦେହଟାର ନଟ୍ ବୋଲ୍ଟ ଯେମିତି ହୁଗୁଳା ହେଇଯାଇଛି ସେ ସେମିତି ଅନୁଭବ କରିଥିଲା । ମୁଣ୍ଡଟା ଠିକ୍ କାମ କରୁଥିଲା ଯଦିଓ ତାର ମନେ ହେଉଥିଲା ଯେମିତି ବେକ ପଖାରୁ ସ୍କ୍ରୁ ଢିଲା ହୋଇଯାଇ ଦେହ ସହିତ ମୁଣ୍ଡଟା ଲାଖି ରହିଛି" । (ପୃ -୧୧ ) ନାନୁ ଗୋଟେ ଗରିବ ଘରର ପିଲା । ଅର୍ଥ ଅଭାବରୁ ଗାଁ, ବାପା ମାଆ ଛାଡି ଆସିଛି ସହରକୁ । ସହରରେ ଗୋଟେ ଦୋକାନୀ ମାଲିକ ପାଖରେରେ ରହି କାମ କରିଛି । ମାଲିକ ନିଜ ପିଲା ପାରି ନାନୁକୁ ସ୍ନେହ ଆଦର କରିଛି । ହଠାତ୍ ମାଲିକର ଦେହାନ୍ତ ହୁଏ ତାପରେ ଦୋକାନର ଦାୟିତ୍ଵ ମାଲିକାଣୀ ନାନୁକୁ ଦିଅନ୍ତି । ନାନୁ ଯୌବନ ଆଉ ଦାୟିତ୍ଵକୁ ନେଇ ଆଗକୁ ବଢେ। ସରଳ ମନା ନାନୁ ଦେଖେ ତା' ସାଙ୍ଗ କେମିତି ତା' ମାଲିକକୁ ଲୁଟେ ଆଉ ସେଇ ପଇସାରେ ସିନେମା ଯାଏ, ମଦ ପିଏ ଆଉ ପର ସ୍ତ୍ରୀ ସହ ରୁହେ । ନାନୁ ଏ ସବୁ ଦେଖି ବିଚଳିତ ହୁଏ । ରାସ୍ତା ପାଖେ ସେ ସବୁ ବେଳେ ଦେଖେ ଗୋଟେ ମହାପୁରୁଷର ପ୍ରତିମୂର୍ତ୍ତି । ସେ ମହାପୁରୁଷର ପ୍ରତିମୂର୍ତ୍ତି ଦେଖି ତା ମନରେ ଅନେକ ପ୍ରଶ୍ନ ଆସେ ମହାପୁରୁଷକୁ ନେଇ । କିଏ ସେ ମହାପୁରୁଷ ? କେମିତି ସେ ? ଏ ସବୁ କଥା ସେ ଭାବେ । ପରବର୍ତ୍ତୀ ସମୟରେ ମାଲିକାଣୀ ସହ ତାର ସମ୍ପର୍କ ନିବିଡ ହୁଏ ଏବଂ ମାଲିକ ଜାଗା ନେବାକୁ ଇଛା କରେ ଓ କାମ ବଶବର୍ତ୍ତୀ ହେଇ ମାଲିକାଣୀ ସହ ସମ୍ଭୋଗ କରେ । ଏ ସବୁ ପରେ ନାନୁ ନିଜକୁ ଘୃଣା କରି ବସେ ଏବଂ ସେ ପୁରୁଷ ହେଇ ପାରିନି ମହାପୁରୁଷ କଣ ହେବା ବୋଲି ନିଜକୁ ଧିକ୍କର କରେ । ଗୋଟେ ସମୟରେ ମାଲିକ ମାଲିକାଣୀକୁ ସେ ବାପା ମାଆ ପରି ଦେଖୁଥିଲା କିନ୍ତୁ ପରେ ସେ ମାଲିକାଣୀ ସହ ଦୈହିକ ସମ୍ପର୍କ ରଖେ । ଏ ଘଟଣା 'Oedipus complex'ର Psychoanalytic Theoryକୁ ସୂଚାଏ । ଏହି ଉପନ୍ୟାସରେ ମଧ୍ଯ ଔପନ୍ୟାସିକ ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗକୁ ପ୍ରାଧାନ୍ୟ ଦେଇ ଲେଖିଛନ୍ତି । ମାନବିକତାର ଅବକ୍ଷୟ ସହ ମଣିଷର ଅନ୍ତର୍ଦ୍ଵନ୍ଦ କଥାକୁ ଏଥିରେ ଉଲ୍ଲେଖ କରାଯାଇଛି।

'ଇଣ୍ଟରଭିୟୁ' ଉପନ୍ୟାସ ପ୍ରଥମେ 'ସାମ୍ନା' ପତ୍ରିକାରେ ୨୦୧୩ ମସିହାରେ ପ୍ରକାଶିତ । ଏହି ଉପନ୍ୟାସର ମୁଖବନ୍ଧରେ ମଧ୍ୟ ଇଣ୍ଟରଭିୟୁକୁ ନେଇ ଏକ ସୁନ୍ଦର କାହାଣୀ ଲିଖିତ । 'ଇଣ୍ଟରଭିୟୁ' ଉପନ୍ୟାସ ପଢ଼ିଲା ବେଳେ କାଫକାଙ୍କ 'The Castle' ଉପନ୍ୟାସ କଥା ମନେ ପଡ଼େ । ଔପନ୍ୟାସିକ ଆଭାସ କୁମାର ବରାଳ କାଫକା ଲେଖନୀଦ୍ୱାରା ବହୁଳ ଭାବରେ ପ୍ରଭାବିତ ଏଥିରୁ ଜଣା ପଡ଼େ । ସେଥିପାଇଁ ତାଙ୍କ ଲେଖାରେ ଅସ୍ତିତ୍ୱବାଦର କଥା ଆମେ ଲକ୍ଷ୍ୟ କରୁ । 'ଇଣ୍ଟରଭିୟୁ' ଉପନ୍ୟାସ ଏକ ଅସ୍ତିତ୍ୱବାଦୀ , ଉଭଟଧର୍ମୀ ଓ ପରୀକ୍ଷାମୂଳକ ଉପନ୍ୟାସ । ଏହାର ପ୍ରଚ୍ଛଦପଟ ମଧ୍ୟ ଔପନ୍ୟାସିକ ନିଜେ ପରିକଳ୍ପନା କରି ରୂପ ଦେଇଛନ୍ତି । ନାନୁର ଜୀବନ ସଂଘର୍ଷ କଥା ଓ ଚାକିରିକୁ ନେଇ ଆସି ଥିବ ବିଭିନ୍ନ ସମସ୍ୟା ଓ ଶେଷରେ ଗୋଟେ ଠିକଣାରେ ସେ ଇଣ୍ଟରଭିୟୁ ସ୍ଥାନରେ ପହଞ୍ଚିବା ପରେ ସେ ଯେଉଁ ସବୁ ବାଟ ଦେଇ ଗତି କରିଛି ତାର ଚିତ୍ରକୁ ଔପନ୍ୟାସିକ ଆଭାସ କୁମାର ବରାଳ ତାଙ୍କ 'ଇଣ୍ଟରଭିୟୁ' ଉପନ୍ୟାସରେ ଉପସ୍ଥାପନା କରିଛନ୍ତି ।

ଔପନ୍ୟାସିକ ଆଭାସ କୁମାର ବରାଳଙ୍କ ଉପନ୍ୟାସରେ ପାଠକ ସମାନ ନାମ ଧାରୀ ଚରିତ୍ରର ବିଭିନ୍ନ ଦିଗ, ଚିନ୍ତାଧାରା ଓ ସ୍ଥିତିବସ୍ଥାକୁ ଉପଲବ୍ଧ କରନ୍ତି । ତାଙ୍କ ମୁଖ୍ୟ ଚରିତ୍ର ନାନୁ କେତେ ସାଧାରଣ ଚରିତ୍ର ତ କେତେବେଳେ ଜଟିଳ ହେଇ ପଡିଚି, ସେ ସବୁ ବେଳେ ଅନୁସନ୍ଧାନୀ। ପ୍ରଶ୍ନ ଭରା ମନ ନେଇ ବାହାରି ପଡ଼େ ବାସ୍ତବ ଦୁନିଆକୁ। ସମସ୍ତ ଉପନ୍ୟାସ ପରସ୍ପରଠାରୁ ଭିନ୍ନ ଆଉ ସ୍ୱତନ୍ତ୍ର। କିନ୍ତୁ ସମସ୍ତ ଉପନ୍ୟାସରେ ଫ୍ରଏଡ଼ଙ୍କ ଅବଚେତନ ମନ ତତ୍ତ୍ୱକୁ ଔପନ୍ୟାସିକ ସୂଚାରୁ ରୂପେ ପରିବେଷଣ କରିଛନ୍ତି । ଆତ୍ମିକ ଦିଗରୁ ଚରିତ୍ର ଓ କଥାବସ୍ତୁକୁ ସେ ଯେତିକି ବଳିଷ୍ଠ ଭାବେ ତାଙ୍କ ଉପନ୍ୟାସରେ ରୂପାୟିତ କରିଛନ୍ତି ଆଙ୍ଗିକ ଦୃଷ୍ଟିରୁ ଭାଷା, ସଂଳାପ, ଉତ୍କଣ୍ଠା, ଦ୍ୱନ୍ଦ, ଶ୍ଳେଷ, କଲାଇମେକ୍ସକୁ ମଧ୍ୟ ସଫଳ ଭାବରେ ରୂପାୟିତ କରିପାରିଛନ୍ତି । ସରଳ ଭାଷାକୁ ନୂଆ ଢଙ୍ଗରେ ନୂଆ ଭାଗରେ ଲେଖନ୍ତି । ଗୋଟେ ଷ୍ଟ୍ରୋକ୍ ସେ ଲେଖନ୍ତି ଏବଂ ପାଠକ ମଧ୍ୟ ଗୋଟେ ରାହାରେ ଉପନ୍ୟାସକୁ ପଢ଼ିବାକୁ ଇଚ୍ଛା କରନ୍ତି । ତାଙ୍କ ଲେଖାରେ ପାଠକ ବୌଦ୍ଧିକତାର ପରିପାଟିକୁ ଉପଲବ୍ଧ କରନ୍ତି । ମଣିଷର ଅବଚେତନ ମନକୁ ଚିନ୍ତନ କରାଯାଇ ପରେ କିନ୍ତୁ ତାକୁ ପରିପ୍ରକାଶ କରିବାରେ ଔପନ୍ୟାସିକ ସଫଳ ହେଇପାରିଛନ୍ତି । ନାଟକୀୟ ଶୈଳୀ ସହ ରୋମାଞ୍ଚକ ଭାବାବେଗ ପୂର୍ଣ ନୂତନ କଥାବସ୍ତୁକୁ ନୂତନ ରୂପରେଖ ଦେବାରେ ଔପନ୍ୟାସିକ ଆଭାସ କୁମାର ବରାଳ ସର୍ବଦା ସିଦ୍ଧହସ୍ତ ।

### ସହାୟକ ଗ୍ରନ୍ଥସୂଚୀ

୧. ବରାଳ ଆଭାସ କୁମାର - 'ପାହାଚ' ; ପ୍ରକାଶକ - ପକ୍ଷୀଘର ପ୍ରକାଶନୀ ; ପ୍ରଥମ ସଂସ୍କରଣ -୧୯୯୮।

୨. ବରାଳ ଆଭାସ କୁମାର - 'ମହାପୁରୁଷ' ; ପ୍ରକାଶିକ- ଶ୍ରଦ୍ଧା ପବ୍ଲିକେଶନ ; ପ୍ରଥମ ସଂସ୍କରଣ -୨୦୧୧।

୩. ବରାଳ ଆଭାସ କୁମାର - 'ଇଣ୍ଟରଭିୟୁ', ପ୍ରକାଶକ - ପକ୍ଷୀଘର ପ୍ରକାଶନୀ ; ପ୍ରଥମ ସଂସ୍କରଣ -୨୦୨୨।

୪. ରାଉତ ଡ. ଭୋଳାନାଥ - 'ଓଡ଼ିଆ ସାହିତ୍ୟ ତତ୍ତ୍ୱ ଓ ତଥ୍ୟ', ପ୍ରକାଶକ - ଜଗନ୍ନାଥ ରଥ, ପୁସ୍ତକ ପ୍ରକାଶକ ଓ ବିକ୍ରେତା, ପ୍ରଥମ ପ୍ରକାଶ-୨୦୦୭।

୫. ଶ୍ରୀଦତ୍ତ ନିର୍ଝରିଣୀ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ – 'ଓଡ଼ିଆ କ୍ଷୁଦ୍ରଗଳ୍ପ : ଧରା ଓ ଧାରା' ( ପ୍ରଥମ ଭାଗ ), ସମ୍ପାଦନା ; ସତ୍ୟନାରାୟଣ ବୁକ୍ ଷ୍ଟୋର , ବିନୋଦ ବିହାରୀ ,କଟକ – ୨, ପ୍ରଥମ ପ୍ରକାଶ, ୨୦୨୧

୬. ପ୍ରଧାନ ଡ. କୃଷ୍ଣଚନ୍ଦ୍ର - 'ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ', ପ୍ରକାଶକ -ସତ୍ୟନାରାୟଣ ବୁକଷ୍ଟୋର; ପ୍ରଥମ ପ୍ରକାଶ, ୨୦୧୦

୭. ସାହିତ୍ୟ ଗୋଧୂଳି - ( ତ୍ରୟମାସିକ ଓଡ଼ିଆ ସାହିତ୍ୟ ପତ୍ରିକା, ପଞ୍ଚମ ବର୍ଷ ଅପ୍ରେଲ -ଜୁନ ) ୨୦୧୯, ସମ୍ପାଦକ ଶାକ୍ୟସିଂହ ମହାପାତ୍ର